# Akashvani, Sambalpur

## SAMBALPURI NEWS BULLETIN

### 29 July 2025- 6.47- 6.52 am.

**********************************************

ଲୋକ୍‌ସଭା                    ଏନ୍.ଏସ୍.ଡି

ଲୋକ୍‌ସଭା ନ ଗଲାକାଏଲ୍ ଡେରୀ ରାତିତକ୍ ଅପରେସନ୍ ସିନ୍ଦୁର୍‌କେ ନେଇକରି ବିତର୍କ ଚାଲିଥିଲା । ପେହେଲ୍‌ଗାମ୍ ଆତଙ୍କବାଦୀ ଘଟ୍‌ନା ଉତ୍‌ରୁ ଭାରତ୍‌ର ଅପରେସନ୍ ସିନ୍ଦୁର୍ ବାବ୍‌ଦେ ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ଟିକ୍‌ନିକ୍ ତଥ୍ୟ ଉପସ୍ଥାପନ୍ କରିଥିଲେ । ବୈଦେଶିକ ବ୍ୟାପାର୍ ମନ୍ତ୍ରୀ ଏସ୍. ଜୟଶଙ୍କର୍ ଆଲୋଚନାଥି ଭାଗ୍ ନେଇକରି ଅପରେସନ୍ ସିନ୍ଦୁର୍ ବେଲ୍‌କେ ବିଶ୍ୱ ସମୁଦାୟର୍ ସହଯୋଗ୍ ବାବ୍‌ଦେ କହିଥିଲେ । ଆଲୋଚନାଥି ବିରୋଧୀ ଦଲ୍ ନେତା ରାହୁଲ୍ ଗାନ୍ଧୀ, ସମାଜ୍‌ବାଦୀ ପାର୍ଟି ନେତା ରାମଶଙ୍କର୍ ରାଜଭର, ଟିଏମ୍‌ସିର କଲ୍ୟାଣ୍ ବାନାର୍ଜୀ, ଏନ୍‌ସିପି-ଏସ୍.ପି.ର୍ ସୁପ୍ରିୟା ସୁଲେଙ୍କର୍ ସହେତେ ସବୁ ଦଲର୍ ସଦସ୍ୟମାନେ ଭାଗ୍ ନେଇଥିଲେ । ଆଏଜ୍ ରାଜ୍ୟସଭା ନ ଅପରେସନ୍ ସିନ୍ଦୁର୍‌କେ ନେଇକରି ବିତର୍କ ହେବା ।

ଜାତୀୟ ଶିକ୍ଷାନୀତି -୨୦୨୦-୫ ବଛର୍        ପି.ଆଇ.ବି.

ଜାତୀୟ ଶିକ୍ଷାନୀତି -୨୦୨୦ ଲାଗୁ କର୍‌ବାର୍ ଆଏଜ୍ ୫ ବଛର୍ ପୁରା ହେଇଛେ । ଇ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ତର୍‌ଫୁ ଅଖିଳ ଭାରତୀୟ ଶିକ୍ଷା ସମାଗମ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌କେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ବହୁତ୍‌ଟେ ନୂଆଁ ପଦକ୍ଷେପ୍ ଆଉ ଶିକ୍ଷାନୁଷ୍ଠାନ୍‌ମାନ୍‌କର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ଉପମୁଖ୍ୟମନ୍ତ୍ରୀ- କେନ୍ଦ୍ରମନ୍ତ୍ରୀ ସାକ୍ଷାତ୍ I&PR

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ନୂଆଦିଲ୍ଲୀଠାନେ କେନ୍ଦ୍ର ଖାଉଟି ବ୍ୟାପାର ଆଉ ସାଧାରଣ ବଂଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଷୀଙ୍କୁ ଭେଟିକରି ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ୨୦୨୪-୨୫ ଖରିଫ୍ ବଛର୍ ଲାଗି ଚାଉଲ୍ ସଂଗ୍ରହ ଲକ୍ଷ୍ୟ ବାବ୍‌ଦେ ଆଲୋଚନା କର୍‌ବାର୍ ସହେତେ ଭାରତୀୟ ଖାଦ୍ୟ ନିଗମ୍- ଏଫ୍.ସି.ଆଇ. ତର୍‌ଫୁ ଦିଆଯାଉଥିବା ଚାଉଲ୍ ପରିବହନ୍ ବ୍ୟବସ୍ଥାକେ ତୁର୍‌ତି କର୍‌ବାର୍ ଲାଗି ଅନୁରୋଧ୍ କରିଛନ୍ । ଖରିଫ୍ ଆଉ ରବି ଫସଲ୍ ସହେତେ ରାଜ୍ୟର୍ ବେଭାର୍ ଉତ୍‌ରୁ ୧୨ ଲାଖ୍ ମେଟ୍ରିକ୍ ଟନ୍ ଚାଉଲ୍

ଇହାଦେ ଅଗ୍‌ଲିଛେ । ଯେନ୍‌ଟାକି ଏଫ୍.ସି.ଆଇ. ଜଲ୍‌ଦି ଉଠାବାର୍ ଜରୁରୀ ଆଏ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ । ସବୁ ସମସ୍ୟା ତୁର୍‌ତି ସମାଧାନ୍ କର୍‌ବାର୍‌କେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଷୀ ପ୍ରତିଶ୍ରୁତି ଦେଇଥିବାର୍ ଜନାପଡ଼ିଛେ । ଇ ଅବ୍‌ସରେ ଓଡ଼ିଶାର୍ ସାଂସଦ୍ ମାନେ ଭିଲ୍ ଉପସ୍ଥିତ୍ ଥିଲେ ।

ମୁଖ୍ୟ ଶାସନ୍ ସଚିବ-ଜରୁରୀ ସହାୟତା କେନ୍ଦ୍ର     I&PR

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଆଉ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ମଂଚେଶ୍ୱର୍ ଠାନେ ଥିବା ଜରୁରୀକାଲୀନ୍ ସହାୟତା କେନ୍ଦ୍ର ଯାଇକରି ତାର୍ କାମ୍‌କାଜ୍, ପରିଚାଲନା ଆଉ ଆଧୁନିକ୍‌କରଣ୍ ବ୍ୟବସ୍ଥା ବାବ୍‌ଦେ ସମୀକ୍ଷା କରିଛନ୍ । ଜରୁରୀ ସମିଆଥି ଲୁକ୍‌କୁ ତୁର୍‌ତି ସାହାଜ୍ ପୁହୁଁଚାବାର୍ ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ଇ ଅବ୍‌ସରେ ଜୋର୍ ଦେଇଥିଲେ । ଇଥିର୍‌ଲାଗି ମାନବ ସମ୍ବଲ୍ ଆଉ ଅତ୍ୟାଧୁନିକ୍ ଯନ୍ତ୍ରପାତି ସବୁବେଲେ ତୟାର୍ ରଖ୍‌ବାର୍ ଲାଗି ଶ୍ରୀ ଆହୁଜା ନିର୍ଦ୍ଦେଶ୍ ଦେଇଛନ୍ ।

ଚାଷୀ ନୋଟିସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଡାଲୁଆ ଚାଷ୍ ନାଇଁ କରିକରି ଧାନ୍ ବିକ୍‌ବାର୍‌କେ ପଞ୍ଜିକରଣ୍ କରିଥିବା ରାଜ୍ୟର୍ ଲାଖେ ୮୧ ହଜାର୍ ଚାଷୀଙ୍କୁ ସମବାୟ ବିଭାଗ୍ ତର୍‌ଫୁ ନୋଟିସ୍ ଜାରି କରାଯାଇଛେ । ୭ ଦିନ୍ ଭିତ୍‌ରେ ଉତର୍ ଦେବାର୍‌କେ ସମ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଜବାବ୍ ଦାଖଲ୍ ନାଇଁ କଲେ ଯେନ୍ ଜମିର୍ ଲାଗି ଚାଷୀମାନେ ପଞ୍ଜିକରଣ୍ କରିଛନ୍, ସେ ଜମିଥି ବର୍ଷେତକ୍ ଧାନ୍ ବିକି ନାଇଁ ପାରନ୍ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ପ୍ରଳୟ-୬ କ୍ଷେପଣାସ୍ତ୍ର                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୂଇଁନୁ ଭୂଇଁକେ କମ୍ ଦୂର୍ ଲକ୍ଷ୍ୟ ଭେଦ କରିପାରୁଥିବା ପ୍ରଳୟ-୬ କ୍ଷେପଣାସ୍ତ୍ରର୍ ଗଲାକାଏଲ୍ ସଫଲ୍ ପରୀକ୍ଷଣ୍ କରାଯାଇଛେ । ବାଲେଶ୍ୱର୍ ଚାନ୍ଦିପୁର୍ ଠାନେ ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ସଂଗଠନ୍ ତର୍‌ଫୁ ଭଦ୍ରକ୍ ଜିଲ୍ଲା ଧାମ୍‌ରା ଠାନେ ଥିବା ଅବ୍‌ଦୁଲ୍ କଲାମ୍ ଦ୍ୱୀପନୁ ଇତାର୍ ପରୀକ୍ଷଣ୍ କରାଯାଇଛେ । ସ୍ୱଦେଶୀ ଜ୍ଞାନ୍ କୌଶଲ୍‌ଥି ତିଆର୍ ହେଇଥିବା ଇ କ୍ଷେପଣାସ୍ତ୍ରଥି ଅତ୍ୟାଧୁନିକ୍ ନେଭିଗେସନ୍ ସିଷ୍ଟମ୍ ହାଇଏକ୍ୟୁରେସି ଗାଇଡାନ୍ସ ଟେକ୍ନୋଲୋଜିର୍ ବେଭାର୍ କରାଯାଇଛେ ।

ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ୍             ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ଆଏଜ୍ ହେଉଛେ ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ୍ । ବାଘ୍ ସଂରକ୍ଷଣ୍ ଲାଗି ଲୁକଙ୍କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍ ଇ ଦିବସ୍‌ର ମୂଲ୍ ଲକ୍ଷ୍ୟ ଆଏ । ୨୦୧୦ ମସିହାଥି ସେଂଟ୍‌ପିଟ୍‌ସ୍‌ବର୍ଗ ଠାନେ ହେଇଥିବା ବ୍ୟାଘ୍ର ଶୀର୍ଷକ୍ ସମ୍ମିଲନୀଥି ଇ ଦିବସ୍ ପାଲନ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା । ଇ ବାବ୍‌ଦେ ଗୁଟେ ରିପୋର୍ଟ..

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ଜୀବଜଗତ୍‌ର ସୁସ୍ଥ ପରିସଂସ୍ଥାନ ଆଉ ପରିବେଶ୍ ସନ୍ତୁଳନ୍ ଲାଗି ବାଘ୍ ମାନ୍‌କର୍ ଉପସ୍ଥିତି ବହୁତ୍ ଜରୁରୀ ଆଏ । ମାତର୍‌କ ପୁର୍‌ଥିର୍ ଇ ଶକ୍ତିଶାଳୀ ପ୍ରାଣୀ ଆଏଜ୍ ନିଜର୍ ସ୍ଥିତି ବଂଚାବାର୍ ଲାଗି ସଂଘର୍ଷ କରୁଛେ । ପୁର୍‌ଥି ନ ୯ ଟା ପ୍ରଜାତିର୍ ବାଘ୍ ଭିତ୍‌ରୁ ରୟାଲ୍ ବେଙ୍ଗଲ୍, ସାଇବେରିଆନ୍, ଇଣ୍ଡୋ-ଚାଇନିଜ, ସାଉଥ୍- ଚାଇନିଜ୍, ସୁମାତ୍ରାନ୍, ମାଲାୟାନ୍ ବାଘ୍ ଅଛନ୍ । ଆର୍ କାସ୍ପିକାନ୍, ଜାଭାନ୍ ଆଉ ବାଲି ପ୍ରଜାତିର୍ ବାଘ୍ ଦୁନିଆନୁ ଲୋପ୍ ପାଇ ସାଏଲେନ ।*

*ଇତାକେ ନଜର୍‌ଥି ରଖିକରି ବାଘର୍ ସୁରକ୍ଷା ଆଉ ସଂରକ୍ଷଣ୍ ଲାଗି ୨୦୧୦ ମସିହାନୁ ଜୁଲାଇ ୨୯ ତାରିଖିକେ ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଲନ୍ କରାଯାଉଛେ । ବାଘ୍ ମାନ୍‌କର୍ ସୁରକ୍ଷାର୍ ଲାଗି ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ବହୁତ୍ ଆଘୋନୁ ପଦକ୍ଷେପ୍ ନିଆଯାଉଛେ । ୧୯୭୩ ମସିହାଥି ପରିବେଶ୍ ମନ୍ତ୍ରଣାଳୟ ଇ ଦିଗେ ପ୍ରୋଜେକ୍ଟ ଟାଇଗର୍ ମୁଲ୍ କରିଥିଲା । ଭାରତ୍ ସର୍‌କାର୍‌ଙ୍କର୍ ୨୦୨୨ ବ୍ୟାଘ୍ର*

*ଗଣନା ରିପୋର୍ଟ ଅନ୍‌ସାରେ ଭାରତ୍ ନ ୩ ହଜାର୍ ୬ ଶହ ୮୨ ବାଘ୍ ରହିଛନ୍ । ଯେନ୍‌ଟାକି ପୁର୍‌ଥିର୍ ବାଘ ସଂଖ୍ୟାର୍ ୭୫ ପ୍ରତିଶତ୍ ଆଏ ।*

*ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।*

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ବଳେ ରାଏଜେ ବର୍ଷା ପାଗ୍ ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଦେବ୍‌ଗଡ୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, ବର୍‌ଗଡ୍ ସହେତେ ୨୦ ଟା ଜିଲ୍ଲା ନ ଘଡ୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ ପାଣପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସବୁନୁ ଜହ ମୟୁର୍‌ଭଞ୍ଜ୍ ଜିଲ୍ଲାକେ ବର୍ଷା ଲାଗି ସତର୍କ କରାଯାଇଛେ ।